# ପିଲାଙ୍କ ଧରିତ୍ରୀ

ଶନିବାର, ୮ ଜୁନ୍, ୨୦୧୯






୨ ଗପ

୬ କବିତା


୮ ଆଇନା

୭ ଜଣା -ଅଜଣା

୩ ସୁନ୍ଦର ହ୍ୟାଣ୍ଡରାଇଟିଂ ପାଇଁ





## ମତାମତ

“ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା ‘ଧଇଲା ମାଛ ଖାଇଲା ନାହିଁ’ ରେ ଅସାବଧାନତାର ପରିଣାମକୁ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି।

**- ଶ୍ୱେତାଲିନା ଦାସ,** *ବକ୍ସିବଜାର, କଟକ*

“ହସ କଥାରେ ପ୍ରକାଶିତ ଆମ୍ବ ଦୋକାନୀ କଥା ପଢ଼ି ଖୁବ୍ ହସିଲି। ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା ବିନ୍ଦୁଯୋଡ ଓ ଆସ ଖୋଜିବା ମୋର ଖୁବ୍ ପସନ୍ଦ।

**- ପଦ୍ମିନୀ ବାରିକ୍,** *ଟିଟିଲାଗଡ, ବଲାଙ୍ଗୀର*

“କହିଲ ଦେଖିର ଉତ୍ତର ଦେବାକୁ ମଜା ଲାଗୁଛି। ଏଥିରେ ପ୍ରକାଶ ପାଉଥିବା ପ୍ରତିଟି ପୃଷ୍ଠା ମୋର ପସନ୍ଦ।

**- ଅନିମେଷ ସ୍ୱାଇଁ,** *ବୈଶିଙ୍ଗା, ମୟୂରଭଞ୍ଜ*

“ଜଣା ଅଜଣା ପୃଷ୍ଠାଟି ବେଶ୍ ଉପାଦେୟ ହେଉଛି। ପିଲାଙ୍କ ଧରିତ୍ରୀରେ ଆଉ ଦୁଇ ପୃଷ୍ଠା ତଥ୍ୟ ପ୍ରକାଶ ପାଇଲେ ଭଲ ହୁଅନ୍ତା।

**-ଦୀପିକା, ଶିଖା,** *ବେଲପାହାଡ, ଝାରସୁଗୁଡା*

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଖରାଦିନେ କୁନୁର ଜୀବଜନ୍ତୁଙ୍କ ସେବା




ଖରାଦିନ ଛୁଟି ହେଲା, ଆଉ ସ୍କୁଲଯିବା ଚିନ୍ତାଟା କୁନୁ ମୁଣ୍ଡରୁ ପୂରା ଦୂରେଇ ଯାଇଛି। ଏବେ ଘରେ ବସି ଟିଭି ଦେଖିବା, ସକାଳ ବୁଲାବୁଲି ପାଇଁ ପ୍ରଚୁର ସମୟ ମିଳିଗଲା। ଦିନେ ଖରାବେଳେ କୁନୁ ଦାଣ୍ଡପିଣ୍ଡାରେ ବସିଥିବା ସମୟରେ ଲକ୍ଷ୍ୟ କଲା ତାଙ୍କ ଗାଁର ସବୁ ଗୋରୁ, ଛେଳି, ମେଣ୍ଢା, କୁକୁର ଭଳି ଅନେକ ଜୀବଜନ୍ତୁ ଖରାରେ ତହଲବିକଳ ହେଉଛନ୍ତି। ପାଣି ମୁନ୍ଦାଏ ପାଇଁ ରଡ଼ି ଛାଡୁଥା’ନ୍ତି। ଦାଣ୍ଡ ଟ୍ୟୁବ୍‌ୱେଲ ପାଖକୁ ଯାଇ ନିଜ ଶିଙ୍ଗରେ ହ୍ୟାଣ୍ଡେଲଟିକୁ ଟେକିବାକୁ ଚେଷ୍ଟା କରୁଛନ୍ତି, ମାତ୍ର ପାଣି ମୁନ୍ଦାଏ ପାଉନାହାନ୍ତି। ଏହି ସମୟରେ ଏସବୁ ଦେଖି କୁନୁ ମନରେ ଭାରି ଦୟା ଆସିଲା। ସେ ସଙ୍ଗେ ସଙ୍ଗେ ଦାଣ୍ଡକୁ ଦୌଡ଼ିଗଲା। ମାତ୍ର, ତା’ ମନ ଭିତରେ ଭୟ ଆସୁଥାଏ। ଗୋରୁମାନଙ୍କର ମୁନିଆ ମୁନିଆ ଶିଙ୍ଗରେ କାଳେ ତାକୁ ଆକ୍ରମଣ କରିବେ। ଚାରିଆଡ଼କୁ ଅନାଇଲା, ମାତ୍ର କେହି କୁଆଡ଼େ ନାହାନ୍ତି। ମନରେ ସାହସ ସଞ୍ଚୟ କରି ଦାଣ୍ଡ ଟ୍ୟୁବ୍‌ୱେଲ ପାଖକୁ ଯାଇ ହ୍ୟାଣ୍ଡେଲଟିକୁ ଚାପି ଦେବାରୁ ଟ୍ୟୁବ୍‌ୱେଲ ମୁହଁରୁ ପାଣି ବାହାରି ଆସିଲା। ସଂଗେ ସଂଗେ ଅନ୍ୟ ବୁଲା ଗୋରୁମାନେ ଦୌଡ଼ି ଆସି ପ୍ରାଣ ବିକଳରେ ସେହି ତଳ ଚାନ୍ଦିନୀ ଉପରୁ ପାଣି ପିଇବାକୁ ଲାଗିଲେ। ଏତେ ସଂଖ୍ୟାରେ ଗୋରୁମାନଙ୍କୁ ଏକାଠି ଦେଖି କୁନୁ ଦୌଡ଼ି ନିଜ ଘର ପିଣ୍ଡା ଉପରକୁ ଚଢ଼ିଗଲା। ପାଣି ପିଇ ସାରି ଗୋରୁମାନେ ସେ ସ୍ଥାନ ଛାଡ଼ି ଚାଲିଗଲେ। ମାତ୍ର, କୁନୁ ମୁଣ୍ଡ ଭିତରେ ରାତିସାରା ଏହି ଚିନ୍ତାଟା ରହିଲା। ପରଦିନ ସକାଳୁ କୁନୁ ମା’କୁ କହିଲା ; ମା’ ମୋତେ ଗୋଟିଏ ମାଠିଆ କିମ୍ବା ପ୍ଲାଷ୍ଟିକ ଟବ୍‌ଟିଏ ଦିଅ। ମା’ ପଚାରିଲେ, ଆରେ ଯାକୁ ତୁ କ’ଣ କରିବୁ। କୁନୁ କହିଲା ; ମା’ ମୁଁ ଦେଖିଛି କାଲି କେତେ ଗୋରୁ ଶୋଷରେ ଖରାବେଳେ ତହଲବିକଳ ହେଉଥିଲେ। ତେଣୁ ଆଜି ଆମ ଘର ଆଗରେ ଗୋଟିଏ ମାଠିଆରେ ପାଣି କିମ୍ବା ପେୟ, ତୋରାଣି ରଖିବା। ଫଳରେ ଖରାଦିନେ ବୁଲା ଗୋରୁମାନେ ଶୋଷରେ ଆଉଟୁପାଉଟୁ ହେଉଥିବା ବେଳେ ଏହି ତୋରାଣି, ପାଣି କିମ୍ବା କୁଣ୍ଡାପାଣି ପିଇ ତୃଷ୍ଣା ମେଣ୍ଟାଇବେ। ମା’ କୁନୁ ମୁଣ୍ଡରେ ଏତେ ବୁଦ୍ଧି ଏବଂ ଜୀବ ପ୍ରତି ଦୟା ଦେଖି ବହୁତ ଖୁସି ହୋଇଗଲା। କହିଲେ, ବାଃ ; ମୋ ପୁଅର ଏତେ ବୁଦ୍ଧି। ସେ ଖୁବ୍ ଖୁସି ହୋଇ ସଙ୍ଗେ ସଙ୍ଗେ ଗୋଟିଏ ମାଠିଆ ଏବଂ ଗୋଟିଏ ପ୍ଲାଷ୍ଟିକ ଟବ୍‌ରେ ପାଣି, ତୋରାଣି ପୂର୍ଣ୍ଣକରି ଦାଣ୍ଡ ସମ୍ମୁଖରେ ରଖିଦେଲେ। ଠିକ୍ ଦ୍ୱିପ୍ରହର ବେଳକୁ ବୁଲା ଗୋରୁ, କୁକୁର, ଛେଳି, ମେଣ୍ଢା ସବୁ ଆସି ମନ ଭରି ପାଣି ପିଇ ଆନନ୍ଦ ଲାଭ କଲେ। କୁନୁ ଏସବୁ ଦାଣ୍ଡପିଣ୍ଡାରେ ବସି ଲକ୍ଷ୍ୟ କରୁଥାଏ ଆଉ ମନେମନେ ବେଶ୍ ଆତ୍ମସନ୍ତୋଷ ଲାଭ କରୁଥାଏ। ସନ୍ଧ୍ୟାବେଳେ କୁନୁର ବାପା ଆସିଯିବାରୁ ମା’ କୁନୁର ଏ ମହତ୍ କାମ ବିଷୟରେ କହିଲେ। କୁନୁର ବାପା ମଧ୍ୟ ଭାରି ଖୁସି ହୋଇଗଲେ ଏବଂ କହିଲେ, ବୈଶାଖ ମାସ ଧର୍ମର ମାସ। ସମସ୍ତ ପ୍ରାଣୀଙ୍କୁ ଜଳଛତ୍ର ଦାନ କରିବା ଉଚିତ। ଜୀବଜନ୍ତୁମାନେ ସିନା କଥା କହିପାରନ୍ତି ନାହିଁ, ହେଲେ ସେମାନଙ୍କର ମଧ୍ୟ ଆମ ପରି ଜୀବନ ଅଛି। ଆଉ ତୁ ତାଙ୍କ ଅନ୍ତରର କଥା ବୁଝିପାରି ଆଜି ମହତ କାମ କଲୁ। ପ୍ରତିଦିନ ତୁ ସେଥିରେ ପାଣି ଭର୍ତ୍ତି କରିବା ସହ ତାଙ୍କ ପାଇଁ ଆହାର, ପାନୀୟର ବ୍ୟବସ୍ଥା କଲେ ଆଶୀର୍ବାଦ ଲାଭ କରିବୁ। ସ୍କୁଲ ଖୋଲିବା ସମୟ ପର୍ଯ୍ୟନ୍ତ ତୁ ଏହି ମହତ କାର୍ଯ୍ୟ କରି ଜୀବଜନ୍ତୁମାନଙ୍କୁ ସେବା କରିବାର ସୌଭାଗ୍ୟ ଅର୍ଜନ କର, ଦେଖିବୁ ଭଗବାନ ତୋର ମଙ୍ଗଳ କରିବେ।

– ସୁବ୍ରତ ଦାସ

*ଶିଶୁ ସୁରକ୍ଷା ବିଭାଗ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ*



ବିନ୍ଦୁ ଯୋଡ଼

## ଖିଲିଖିଲି ହସ

ଗଣିତ ଶିକ୍ଷକ: ପବନ, ତୁମକୁ ଗୋଟିଏ ପ୍ରଶ୍ନ ପଚାରିବି, ଏହାର ଠିକ୍ ଉତ୍ତର ଦେଲେ ମୁଁ ତୁମକୁ ପୁରସ୍କାର ଦେବି।
ପବନ: ଆଜ୍ଞା ସାର୍।
ଶିକ୍ଷକ: ଛଅଜଣ ଲୋକଙ୍କୁ ଆଠଟି ଆମ୍ବ କିପରି ସମାନ ପରିମାଣରେ ବଣ୍ଟା ଯାଇ ପାରିବ ?
ପବନ: ଖୁବ୍ ସହଜ ସାର୍, ମ୍ୟାଙ୍ଗୋ ଶେକ୍ କରି।

ଖୁସି ମାଙ୍କ ମେଡିସିନ୍ ଆଣିବାକୁ ମେଡିସିନ୍ ଷ୍ଟୋର ଗଲା।
ଖୁସି: ଅଙ୍କଲ, ମୋତେ ଏସବୁ ମେଡିସିନ୍ ଦିଅନ୍ତୁ।
ଦୋକାନୀ: ଏଇ ନେ ଝିଅ।
ଖୁସି : ଅଙ୍କଲ, ଚିନି ବି ଦିଅନ୍ତୁ।
ଦୋକାନୀ: ଝିଅ,ଚିନି ଏଠି ମିଳେନି
ଖୁସି: ଅଙ୍କଲ,କିନ୍ତୁ ମେଡିସିନ୍ ଉପରେ ଲେଖା ଅଛି ସୁଗାର ଫ୍ରୀ ବୋଲି!

ସୋନୁ: ମା, ମୁଁ ଟିକେ ରାଜୁ ଘରୁ ଖେଳିକି ଆସିବି ?
ମା: ହଁ, ସୋନୁ ତୁ ଯା ଯେ, କିଛି କଥା ନାହିଁ କିନ୍ତୁ ରାସ୍ତାରେ କାର୍ କିମ୍ବା କିଛି ବଡ ଗାଡି ଗଲା ପରେ ତୁ ଯିବୁ।
ସୋନୁ ଘରକୁ ଅଧଘଣ୍ଟା ପରେ ଆସିବାର ଦେଖି ମା ପଚାରିଲେ–ଏତେ ଜଲ୍‌ଦୀ ପଳାଇ ଆସିଲୁ ?
ସୋନୁ: ମୁଁ ରାସ୍ତା ପାଖକୁ ଯାଇଥିଲି ହେଲେ କୌଣସି ବଡ ଗାଡି ଗଲାନି, ସେଥିଲାଗି ନ ଯାଇ ଘରକୁ ଫେରି ଆସିଲି।

## ଚଗଲା ଭୀମୁ





# ବର୍ଷା ବଣ

ଉଷ୍ଣକ୍ରାନ୍ତୀୟ ଅଞ୍ଚଳରେ ବର୍ଷାବଣ, ଲମ୍ବା ଲମ୍ବା ବୃକ୍ଷ ଅତ୍ୟଧିକ ବର୍ଷାରେ ସୃଷ୍ଟି ହୋଇଥାଏ । କେତେକ ବର୍ଷାବଣରେ ପ୍ରତିଦିନ ଏକ ଇଞ୍ଚରୁ ଅଧିକ ବର୍ଷା ହୋଇଥାଏ । ବର୍ଷାବଣ ଆଫ୍ରିକା, ଏସିଆ, ଅଷ୍ଟ୍ରେଲିଆ ଏବଂ ମଧ୍ୟ ଓ ଦକ୍ଷିଣ ଆମେରିକାରେ ଦେଖିବାକୁ ମିଳିଥାଏ । ବିଶ୍ୱରେ ସବୁଠାରୁ ବଡ଼ ବର୍ଷାବଣ ଆମାଜନ୍ ଅଟେ ।

ବର୍ଷାବଣ ସେହି ଜଙ୍ଗଲ, ଯେଉଁଠାରେ ପ୍ରଚୁର ମାତ୍ରାରେ ବର୍ଷା ହୋଇଥାଏ ଅର୍ଥାତ୍ ଯେଉଁଠି ନ୍ୟୁନତମ ସାମାନ୍ୟ ବାର୍ଷିକ ବର୍ଷା ୭୫୦ରୁ ୨୦୦୦ ମିଲିମିଟର (୬୮ ଇଞ୍ଚ) ମଧ୍ୟରେ ହୋଇଥାଏ । ବିଶ୍ୱର ପଶୁପକ୍ଷୀ, ବୃକ୍ଷଲତା ଇତ୍ୟାଦି ସମସ୍ତ ପ୍ରଜାତିର ମୋଟ ୪୦ରୁ ୭୫ ପ୍ରତିଶତ ଏହି ବର୍ଷାବଣର ମୂଳ ପ୍ରବାସୀ । ଅନୁମାନ କରାଯାଇଛି ଯେ, ବୃକ୍ଷଲତା, କୀଟପତଙ୍ଗ ଏବଂ ସୂକ୍ଷ୍ମଜୀବମାନଙ୍କର କେତେ ଲକ୍ଷ ପ୍ରଜାତି ଏହିଠାରେ ଅଛନ୍ତି । ଜଙ୍ଗଲର ଘନତ୍ୱ ଯୋଗୁ ବର୍ତ୍ତମାନ ମଧ୍ୟ ସେମାନଙ୍କୁ ଖୋଜାଯାଇପାରିନାହିଁ । ଉଷ୍ଣକ୍ରାନ୍ତୀୟ ବର୍ଷାବଣକୁ ପୃଥିବୀର ଆଭୂଷଣ ଏବଂ ସଂସାରର ସବୁଠାରୁ ବଡ଼ ଔଷଧଶାଳା କୁହାଯାଏ । ସେଠାରେ ପୃଥିବୀର ଏକ ଚତୁର୍ଥାଂଶ ପ୍ରାକୃତିକ ଔଷଧର ସନ୍ଧାନ ମିଳିଛି । ବିଶ୍ୱର ମୋଟ ଅମ୍ଳଜାନ ପ୍ରାପ୍ତିର ୨୮ ପ୍ରତିଶତ ବର୍ଷାବଣରୁ ମିଳିଥାଏ ।

ଭୂମି ଉପରେ ସୂର୍ଯ୍ୟାଲୋକ ପହଞ୍ଚିପାରୁ ନ ଥିବାରୁ ବର୍ଷାବଣର କେତେକ କ୍ଷେତ୍ରରେ ବଡ଼ ବଡ଼ ବୃକ୍ଷ ତଳେ ଛୋଟ ଛୋଟ ଗଛ ଓ ବୁଦା କମ୍ ଉଠିଥାଏ । ତେଣୁ ଜଙ୍ଗଲରେ ଚାଲିବା ସହଜ ହୁଏ । ଏହି ବର୍ଷାବଣ ସାଧାରଣତଃ ଦୁଇପ୍ରକାରର ଯଥା– ଉଷ୍ଣ କ୍ରାନ୍ତୀୟ ଓ ସମଶୀତୋଷ୍ଣ ବର୍ଷାବଣ ।

ବିଶ୍ୱରେ ଅନେକ ବର୍ଷାବଣ ରହିଛି । ଉଷ୍ଣକ୍ରାନ୍ତୀୟ ବର୍ଷାବଣ ଉଷ୍ଣ ଅଞ୍ଚଳରେ ଦେଖାଯାଏ, ଯାହା ଜାମାଇକାର ନିକଟବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳେ । ଏହା କର୍କଟ କ୍ରାନ୍ତି ଏବଂ ମକର କ୍ରାନ୍ତି ରେଖା ମଧ୍ୟରେ ଦେଖାଯାଏ । ଦକ୍ଷିଣ–ପୂର୍ବ ଏସିଆ ମ୍ୟାନମାରଠାରୁ ଫିଲିପାଇନ୍ସ, ଇଣ୍ଡୋନେସିଆ, ନିଉ ଗିନି, ପୂର୍ବ ଅଷ୍ଟ୍ରେଲିଆ ଆଦି ଅଞ୍ଚଳରେ ବର୍ଷାବଣ ପରିଦୃଷ୍ଟ ହୁଏ । କଙ୍ଗୋ ବର୍ଷାବଣ, କାମେରୁନରୁ କଙ୍ଗୋ ପର୍ଯ୍ୟନ୍ତ ଉପ ସାହାରା ଆଫ୍ରିକା, ଆମାଜନ ବର୍ଷାବଣ, ଦକ୍ଷିଣ ଆମେରିକା, ମଧ୍ୟ ଆମେରିକା (ବୋସୱାସ, ଦକ୍ଷିଣୀ ୟୁକାଟେନ୍ ପ୍ରାୟଦ୍ୱୀପ– ଏଲ୍–ପେଟେନ୍–ପେଲିଜ–କୈଲେକମୁଲ ଏବଂ କେତେକ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ସମୂହରେ (ହାୱାଇ)ମଧ୍ୟ ବର୍ଷାବଣ ମହଜୁଦ ଅଛି ।

–ସ୍ମିତା ନାୟକ
ଭଞ୍ଜନଗର, ଗଞ୍ଜାମ








# ସୁନ୍ଦର ହ୍ୟାଣ୍ଡରାଇଟିଂ ପାଇଁ

ପରୀକ୍ଷାରେ ସବୁ ଉତ୍ତର ଠିକ୍ ଲେଖିଥିବା ସତ୍ତ୍ୱେ କିଛି ଜଣଙ୍କ ଖରାପ ହ୍ୟାଣ୍ଡରାଇଟିଂ ଯୋଗୁ ମାର୍କ କଟି ଯାଇଥାଏ । ତେଣୁ ପାଠପଢ଼ା ସହ ସୁନ୍ଦର ହ୍ୟାଣ୍ଡରାଇଟିଂ ମଧ୍ୟ ଜରୁରୀ । ଆଜିକାଲି ପିଲାମାନଙ୍କର କମ୍ପ୍ୟୁଟରରେ ପଢ଼ିବା ଏବଂ ଲେଖାଲେଖି କରିବା ଏକ ଅଭ୍ୟାସ ହୋଇଗଲାଣି, ଯାହା ସେମାନଙ୍କୁ ସହଜ ମଧ୍ୟ ମନେ ହୋଇଥାଏ । କିନ୍ତୁ ଏହା ସେମାନଙ୍କ ହ୍ୟାଣ୍ଡରାଇଟିଂ ଉପରେ କୁପ୍ରଭାବ ପକାଇଥାଏ । ତେବେ କିଭଳି ଭାବେ ହ୍ୟାଣ୍ଡରାଇଟିଂକୁ ସୁନ୍ଦର କରିହେବ ଜାଣନ୍ତୁ ...



- ★ ସୁନ୍ଦର ହ୍ୟାଣ୍ଡରାଇଟିଂ ପାଇଁ ଷ୍ଟଡି ଟେବୁଲର ଉଚ୍ଚତା ଠିକ୍ ରହିବା ଜରୁରୀ, ଯାହା ଉପରେ ପିଲାମାନେ କହୁଣି ରଖି ଆରାମରେ ଲେଖିପାରିବେ ।
- ★ ସେହିଭଳି ପାଠ ପଢିବା ପାଇଁ ବସୁଥିବା ଚେୟାରର ଉଚ୍ଚତା ମଧ୍ୟ ଠିକ୍ ରହିବା ଆବଶ୍ୟକ ।
- ★ ଲେଖିଲା ବେଳେ ପେନ୍ ବା ପେନ୍ସିଲର ଗ୍ରିପ୍ ଠିକ୍ ରହିବା ଜରୁରୀ । ତିନୋଟି ଅଙ୍ଗୁଳିରେ ପେନ୍ ବା ପେନ୍ସିଲର ଉପରି ଭାଗକୁ ଭଲରେ ଧରି ଲେଖିବା ଅଭ୍ୟାସ କରନ୍ତୁ ।
- ★ ଦିନକୁ ୩ ରୁ ୪ ପେଜ୍ ଲେଖା ଅଭ୍ୟାସ କରିବା ଭଲ । ପାଠ ପଢିସାରିବା ପରେ ମନେରଖିଥିବା ପାଠକୁ ଲେଖିବା ଦ୍ୱାରା ପାଠ ମନେ ରହିବା ସହିତ ଲେଖିବା ଅଭ୍ୟାସ ହୋଇଯିବ ଏବଂ ତା' ସଙ୍ଗେ ହ୍ୟାଣ୍ଡରାଇଟିଂ ମଧ୍ୟ ସୁନ୍ଦର ହେବ ।
- ★ ନୂଆ ନୂଆ ଷ୍ଟାଇଲର ହ୍ୟାଣ୍ଡରାଇଟିଂ ଶିଖିବା ପ୍ରାକ୍ଟିସ୍ ମଧ୍ୟ କରିପାରିବେ । ଏଥିପାଇଁ ସେହି ଷ୍ଟାଇଲର ମଡେଲ ଥିବା ହ୍ୟାଣ୍ଡରାଇଟିଂ ପ୍ରାକ୍ଟିସ୍ ବୁକ୍ ଆଣି ପ୍ରାକ୍ଟିସ କରିପାରିବେ ।
- ★ ରାଇଟିଂ ପ୍ରୋଜେକ୍ଟସ୍ ଦ୍ୱାରା ମଧ୍ୟ ହ୍ୟାଣ୍ଡରାଇଟିଂ ସୁଧାରି ପାରିବେ । ସାଙ୍ଗ ପାଖକୁ ଚିଠି ଲେଖିବା, ଇନ୍‌ଭିଟେସନ୍ କାର୍ଡ ଲେଖିବା, କ୍ରାଫ୍ଟ ପେପର ଉପରେ କବିତା ଲେଖିବା ଆଦି ଦ୍ୱାରା ମଧ୍ୟ ହ୍ୟାଣ୍ଡରାଇଟିଂ ସୁଧାରି ହେବ ।
- ★ ଲେଖିବା ବେଳେ ବିନା କଟାକଟି କରି ପରିଷ୍କାର ଭାବେ ଲେଖିବା ଅଭ୍ୟାସ କରିବା ଜରୁରୀ ।
- ★ ସବୁ ଆଲ୍‌ଫାବେଟ୍‌କୁ ଗୋଟିଏ ଲାଇନ୍‌ରେ ଲେଖିବା ଆବଶ୍ୟକ ।
- ★ ଲେଖିଲା ବେଳେ ଲାଇନ୍ ସିଧା ରଖିବା ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ ।
- ★ ପ୍ରତି ଶବ୍ଦ ମଧ୍ୟରେ ବ୍ୟବଧାନ ମଧ୍ୟ ଠିକ୍ ହେବା ଆବଶ୍ୟକ ।






୧



୨



୩




୪



୫



୬



୭



୮

୧

ସାଇସ୍ନିଗ୍ଧା ମହାନ୍ତି
କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ-୨, ବାରିପଦା





ସାଦ୍ୟାନ୍ତ ଶତପଥୀ
କ୍ଲାସ-୧, ମଦର୍ସ ପବ୍ଲିକ୍ ସ୍କୁଲ, ପୁରୀ

୨

୩

ବିଘ୍ନରାଜ ଭଞ୍ଜମିଶ୍ର
କ୍ଲାସ-୯,ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଆମ୍ବପୁଆ, ବ୍ରହ୍ମପୁର





ପ୍ରେକ୍ଷା ପୂର୍ବାଷା ବରାଳ
କ୍ଲାସ-୫, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

୪

୫

ସିଦ୍ଧିସ୍ୱରୂପା
କ୍ଲାସ-୧, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଭୁବନେଶ୍ୱର





ଜାହ୍ନବୀ ପଟ୍ଟନାୟକ
କ୍ଲାସ-୨, ସେଣ୍ଟ ଯୋସେଫ୍ ଗର୍ଲସ ହାଇସ୍କୁଲ, କଟକ

୬

୭

ବୈଭବ ମୁଣ୍ଡ
କ୍ଲାସ-୧୦, ଶ୍ରୀ ପ୍ରକାଶ ବିଦ୍ୟା ନିକେତନ, ବିଶାଖାପଟନମ୍





ଚିତ୍ରାଙ୍ଗୀ ସାମଲ
କ୍ଲାସ-୯,ଶ୍ରୀ କଳିଙ୍ଗ ବିଦ୍ୟାପୀଠ,ଉମରକୋଟ, ନବରଙ୍ଗପୁର

୮

# ଖରାଦିନ

ଗ୍ରୀଷ୍ମଦିନ ଦୁଇଟି ମାସ
ଗୋଟିଏ ବୈଶାଖ  ଗୋଟିଏ ଜ୍ୟେଷ୍ଠ
ଧୁ ଧୁ ଖରା ଶୋଷ ଲାଗଇ
ଝାଞ୍ଜି ପବନରେ ଦେହ ପୋଡଇ,
ମୁଣ୍ଡରେ ଛତା ହାତେ ରୁମାଲ
ଝାଳ ବୋହିଯାଏ ହୋଇ ଝର ଝର
ଗଛ ଛାଇ ଟିକେ ବିକଳେ ଖୋଜା
ସବୁଜ କାକୁଡି ଖାଇଲେ ମଜା,
ତରଭୁଜର ଭାଉକୁ ଦେଖି
ମୁହଁ ଶୁଖେଇଛି ପଇଡ ବସି
ଆଖୁରସ ପିଆ ନିଆରା ମଜା
ପଖାଳ ଭାତରେ ମାଛଭଜା,
ଡହଡହ ଖରା ଜଳୁଛି ଧରା
ଗଡିଆ ପୋଖରୀ ଖୁଖିଲା ପରା
ବାସି ପଖାଳରେ ବାଇଗଣପୋଡା
ଗରମ ଶାଗକୁ ସେଥିରେ ଲୋଡା,
ଆହାଃକି ସୁଆଦ ଟଙ୍କ ତୋରାଣି
ପିଇଦେଲେ ଟିକେ ଶାନ୍ତି ପାଏ ପ୍ରାଣୀ
ବୈଶାଖ ମାସରେ ପୁରୀକୁ ଯାଅ
ପ୍ରଭୁଙ୍କର ଟଙ୍କ ତୋରାଣି ପିଅ ।
ଡହଡହ ଖରା ବୈଶାଖ ମାସେ
ଥଣ୍ଡାପାଣି ଲସି ପାଖକୁ ଡାକେ
ବିନତୀ ପ୍ରଭୁହେ ତୁମରି ପାସେ
ଗ୍ରୀଷ୍ମଦିନ ଯାଉ ଅତି ହରଷେ
ଧରାରେ ନ ଆସୁ ରୌଦ୍ରର ଟାଣ
ଅଂଶୁଘାତେ ନ ଯାଉ କାହା ଜୀବନ ।

**–ମନୀଷା ରାୟ**
*ଶେଖବଜାର, ନୀଉକଲୋନୀ, କଟକ,*
*ମୋ:୮୮୯୫୫୯୩୮୭୫*




# ବଢ଼ିବେ ଥା ସାକ୍ଷୀ

ମାଟିଆ ଚିଲରେ ଉଡି ଉଡିକା
କୁଆଡେ ଯାଉ ଏକା,
ଶଙ୍ଖଚିଲ ଭାଇ କୁଆଡେ ଗଲା
ପାଉନୁ ତା'ର ଦେଖା ।
ଅନେକ ଦିନୁ ଦେଖୁନୁ ତାକୁ
କ'ଣ ତା'ର ହେଲା,
ତା'ପରି ଦେଖ ଶାଗୁଣା ଆଜି
କୁଆଡେ ହଜିଗଲା ।
ଘରଚଟିଆ ବାର ମାସିଆ
ଘର ଚାଳରେ ନାହିଁ,
ବାଇ ଚଢ଼େଇ ବାଇଆ ବସା
ଖଜୁରି ଗଛେ ନାହିଁ ।
ପରିବେଶରେ ଖାପ ଖୁଆଇ
ନ ପାରି ଶଙ୍ଖଚିଲ,
ହଜିଗଲେଣି କେତେକ ପକ୍ଷୀ
ପରିବେଶକୁ କାଳ ।
ପରିବେଶକୁ ଦୂଷିତ କଲୁ
ତା'ର ଏହି ଫଳ,
ଜରାବ୍ୟାଧିରେ ମଣିଷ ଆଜି
ହେଉଛି କଲବଲ ।
ତା'ପରି ଦଶା ଭୋଗିବୁ ନାହିଁ
କିଏ ପାରିବ କହି,
ପରିବେଶକୁ ସୁଧାରିବାକୁ
କରୁଛୁ ଚେଷ୍ଟା ଭାଇ ।
ଚେତିଲୁ ଆମେ ହରାଇ କେତେ
ଉପକାରିଆ ପକ୍ଷୀ,
ଦେଖିବୁ ଦିନେ ହଜିବା ପକ୍ଷୀ
ବଢ଼ିବେ ଥା ସାକ୍ଷୀ ।



**– ନଟବର ସାହୁ**
*ଏଲ-୩୮, ବରମୁଣ୍ଡା, ଭୁବନେଶ୍ୱର*

# କହିଲ ଦେଖି



ଟାଇଁ ଟାଇଁ ଖରା ବହଇ ଝାଞ୍ଜି
ବାଟୋଇଙ୍କ ପାଇଁ ବିପଦ ଖଞ୍ଜି
ଝୋଳାଝାଇଁ ମାରି ଉଠଇ ହିକ୍କା
ଶୁଖି ଯାଏ କଣ୍ଠ ଲାଗଇ ଥକ୍କା
ମୁଣ୍ଡ ଭ୍ରମହୁଏ ଶୁଖଇ ଜିଭ
ପାଣି ପାଇଁ ମରେ ମଣିଷ ସାଥେ ଜୀବ
ଏ ଅସମୟ ଗ୍ରୀଷମ କାଳେ
ରଚେ ଦୁର୍ବିପାକ ଭୂମଣ୍ଡଳେ ।

**ଉତ୍ତର: ଅଂଶୁଘାତ**



ଚକ୍ରବାତ ସଙ୍ଗେ ଘଡ଼ଘଡ଼ି ବିଜୁଳି
ବରଷା ଧାରା ଯାଏ ତା'ଠାରୁ ବଳି
ଉପାଡ଼ି ଗଛ କେବେ କୁଆପଥର
ରଚଇ ପ୍ରଳୟ  ଯେଉଁ ପ୍ରକାର
ବୈଶାଖ ଜ୍ୟେଷ୍ଠରେ କାଢ଼େ ପ୍ରକୋପ
ସମ୍ମୁଖେ ପଡ଼ିଲେ ନରଖେ ମା'ବାପ
ଉପାଡ଼ି ଉଜାଡ଼ି  ଧାଏଁ ଆଗକୁ
କହିବ ପିଲେ ଚିହ୍ନି ମୋ ରୂପକୁ ।

**ଉତ୍ତର: କାଳବୈଶାଖୀ**



ଅବେଳେ ଅକାଳେ ବାହାରେ ନିଆଁ
ଆଖପାଖ ଧରାବାସୀ ଛାନିଆଁ
ସୁପ୍ତ ରହିଥାଏ ଯେଉଁ ସମୟ
ପରିବେଶ ପ୍ରତି ନଥାଏ ଭୟ
ସଶବ୍ଦେ ଉଠଇ ଅଗ୍ରରୁ ଧୂଆଁ
କହ ପିଲେ ଏହି ସ୍ଥାନର ନାଆଁ
ଜାପାନ ଦେଶରେ ଅଧିକ ଦିଶେ
ତେଣୁ ଭୂମିକମ୍ପ ଭୟ ପ୍ରକାଶେ ।

**ଉତ୍ତର: ଆଗ୍ନେୟଗିରି**

**– ରମାକାନ୍ତ ପୁରୋହିତ**
*ନିରାକାରପୁର, ଖୋର୍ଦ୍ଧା*

# ଏଥରର ପ୍ରଶ୍ନ ?

★ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ କିଏ ଥିଲେ ?

★ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ କିଏ ଥିଲେ ?

★ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ କିଏ ସବୁଠାରୁ ଅଧିକ ସମୟ ଶାସନ ଗାଦି ସମ୍ଭାଳିଛନ୍ତି ?

★ଚଳିତ ନିର୍ବାଚନରେ ଓଡିଶାରୁ କେତେ ଜଣ ସାଂସଦ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ?

★ଚଳିତ ନିର୍ବାଚନରେ ସଂସଦର ସର୍ବ କନିଷ୍ଠ ସାଂସଦ ଭାବେ କିଏ ନିର୍ବାଚିତ ହୋଇଛନ୍ତି ?

# ଆର ଥରର ଉ ତ୍ତ ର

*କ୍ରିକେଟ


* ବ୍ୟାଡମିଣ୍ଟନ

*୧୦୦ ମିଟର ହର୍ଡଲ୍ସ

*ବକ୍ସିଂ

* ଲନ୍ ଟେନିସ୍

# ପାର୍ଥକ୍ୟ ଦର୍ଶାଅ



# ଆ ସ ଜା ଣି ବା

## ସୋସିଆଲ ସାଇଟ୍ ଉଦ୍ଭାବକ

ଫେସବୁକ- ମାର୍କ ଜୁକରବର୍ଗ (୨୦୦୪)
ହ୍ୱାଟ୍ସ ଆପ୍- ଜନ୍ କୌମ୍, ବ୍ରିଆନ ଆକ୍ଟୋନ୍ (୨୦୦୯)
ଇନ୍ଷ୍ଟାଗ୍ରାମ- କେଭିନ୍ ସିସ୍ଷ୍ଟ୍ରୋମ୍ , ମାଇକ୍ କ୍ରିଗେର(୨୦୧୦)
ଗୁଗୁଲ-ଲେରୀ ପେଜ୍ ଏବଂ ସେର୍ଗି ବ୍ରିନ୍(୧୯୯୮)
ୟାହୁ- ଜେରୀ ୟାଙ୍ଗ, ଡେଭିଡ୍ ଫିଲୋ (୧୯୯୫)
ଟ୍ୱିଟର- ଜାକ୍ ଡୋରସେ, ନୋହା ଗ୍ଲାସ୍, ବିଜ୍ ଷ୍ଟୋନ୍, ଏଭାନ ୱିଲିୟମ୍ସ  (୨୦୦୬)
ସ୍ନାପ ଚାଟ୍-ଏଭାନ ସ୍ପିଗେଲ , ବବି ମର୍ଫି, ରେଗି ବ୍ରାଉନ୍(୨୦୧୧)
ୟୁଟ୍ୟୁବ୍-ଜାୱେଦ୍ କରିମ୍, ଚାଡ୍ ହର୍ଲେ ଏବଂ ଷ୍ଟିଭ୍ ଚେନ୍ (୨୦୦୫)

# ଜଣା ଅଜଣା

✲ ଆପଲ କମ୍ପାନୀର ଉ ଭାବକ ଷ୍ଟିଭ୍ ଜବ୍ସଙ୍କ କାରରେ କେବେବି ନମ୍ବର ପ୍ଲେଟ ଲାଗି ନ ଥିଲା ।





✲ ଗବେଷଣାରୁ ଦେଖାଯାଇଛି ଯେ ମିଛ କହିଲା ବେଳେ ଆମ ନାକ ଗରମ ହୋଇଯାଇଥାଏ ।

✲ ମଣିଷଙ୍କ ଭଳି ଡଲଫିନ ମଧ୍ୟ ପରସ୍ପରର ନାମକରଣ କରିଥାନ୍ତି ଏବଂ ତାଙ୍କ ଭାଷାରେ ସେମାନେ ପରସ୍ପରକୁ ସେହି ନାମରେ ସମ୍ବୋଧନ ମଧ୍ୟ କରନ୍ତି ।





✲ ରମନ ମାଗସେସେ ପୁରସ୍କାରକୁ ଏସିଆର ନୋବେଲ ପୁରସ୍କାର ବୋଲି କୁହାଯାଏ ।



✲ ପୃଥିବୀରେ ସର୍ବାଧିକ ଲୋକଙ୍କ ଆଖି ଡୋଳାର ରଙ୍ଗ କଳା ହୋଇଥିବା ବେଳେ କେବଳ ୨ ପ୍ରତିଶତ ବ୍ୟକ୍ତିଙ୍କ ଆଖି ଡୋଳା ସବୁଜ ରଙ୍ଗର ହୋଇଥାଏ ।

✲ ସିନ୍ଧୁଘୋଟକ କେବେବି ନିଜ ସାଥିକୁ ଏକଲା ଛାଡନ୍ତି ନାହିଁ । ସେମାନେ ସର୍ବଦା ପରସ୍ପରର ଲାଞ୍ଜକୁ ଧରି ବୁଲିଥାନ୍ତି ।




ସୋନୁ
୮ ବର୍ଷ
ଥା
ଇ
ନା


ସୌମ୍ୟାଶ୍ରୀ
୧୦ ବର୍ଷ


ସାଇ
୧୦ ବର୍ଷ